<u>ପରିପତ୍ର</u>

**ପ୍ରିୟ ବିତରକ ଓ ଫ୍ରାଞ୍ଚାଇଜ,**

**ଦିବସର ଅଭିନନ୍ଦନ !!!!**

ଆପଣମାନେ ହେଉଛନ୍ତି ଆମର ମାଧ୍ୟମ ଅଂଶିଦାର (ଚ୍ୟାନେଲ ପାର୍ଟନର) । ଆପଣମାନେ ଅବଗତ ଅଛନ୍ତି ଯେ, କମ୍ପାନିର ବ୍ୟବସାୟ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଓ ପେମେଣ୍ଟ ଆଣ୍ଡ ସେଟେଲମେଣ୍ଟ ସିଷ୍ଟମସ୍ ଆକ୍ଟ-୨୦୦୭ ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହେଉଛି । ଏଠାରେ ନିମ୍ନରେ ପ୍ରକାଶିତ ନିମୟ, ସର୍ତ୍ତାବଳୀ ଓ ଆରବିଆଇ ନିର୍ଦ୍ଦେଶାବଳୀକୁ ପଢ଼ନ୍ତୁ । ଆଣ୍ଟି ମନି ଲଣ୍ଡରିଂ (ଏଏମ୍‌ଏଲ୍) ନିର୍ଦ୍ଦେଶାବଳୀ, କମ୍ବାଟିଂ ଫାଇନାନସିଂ ଅଫ୍ ଟେରୋରିଷ୍ଟ (ସିଏଫ୍‌ଟି) ନିର୍ଦ୍ଦେଶାବଳୀ ଓ ନୋ ଇୟୋର କଷ୍ଟମର (କେୱାଇସି) ନିର୍ଦ୍ଦେଶାବଳୀ ଆଦିକୁ କମ୍ପାନିର କାରବାର କ୍ଷେତ୍ରରେ ପ୍ରୟୋଗ କରାଯାଇଛି । ସୁତରାଂ ଉକ୍ତ ବ୍ୟବସ୍ଥାଗୁଡ଼ିକୁ ଅନୁପାଳନ କରି ଅଖଣ୍ଡ କାରବାର ଜାରି ରଖିବା ଉଭୟ କମ୍ପାନି ଓ ଏହାର ମାଧ୍ୟମ ଅଂଶିଦାରଗୁଡ଼ିକ (ଚ୍ୟାନେଲ ପାର୍ଟନରର୍ସ)ଙ୍କ କର୍ତ୍ତବ୍ୟ । ଉଭୟ କମ୍ପାନୀ ଓ ମାଧ୍ୟମ ଅଂଶିଦାରଗୁଡ଼ିକ (ଚ୍ୟାନେଲ ପାର୍ଟନରର୍ସ)ଙ୍କ ସ୍ୱାର୍ଥରକ୍ଷା ସହିତ କାରବାର ଯେପରି ପ୍ରଭାବିତ ନ ହୁଏ ଲକ୍ଷ୍ୟ ନେଇ କମ୍ପାନି ଏହି ପରିପତ୍ର ପ୍ରକାଶ କରୁଛି ।

ଏହା ଆମର ଦୃଷ୍ଟିଗୋଚର ହୋଇଛି ଯେ, ସମଗ୍ର ଭାରତରେ ବହୁ ସଂଖ୍ୟକ ବିତରକ ଓ ଫ୍ରାଞ୍ଚାଇଜ ପ୍ରବଞ୍ଚକ/ଅଣସାମାଜିକ ବ୍ୟକ୍ତିଙ୍କ ପ୍ରରୋଚନାରେ ପ୍ରଲୋଭିତ ହୋଇ ଜାଲ୍ ଲଟେରି ପ୍ରକ୍ରିୟା/ଠକେଇର ଶୀକାର ହେଉଛନ୍ତି । ସାରା ଦେଶରେ ଏହିଭଳି ଅନେକ ମାମଲା ତଦନ୍ତାଧିନ ରହିଛି । ସନ୍ତ୍ରାସବାଦୀ ବିରୋଧୀ ଦଳ, ସାଇବର ଅପରାଧ କକ୍ଷ, କ୍ରାଇମବ୍ରାଞ୍ଚ ଓ ବହୁ ତଦନ୍ତକାରୀ ସଂସ୍ଥା ଏପରି ମାମଲାଗୁଡ଼ିକର ତଦନ୍ତ ଜାରି ରଖିଛନ୍ତି ।

ନିକଟ ଅତୀତରେ ଆମର ଅନେକ ସମ୍ମାନନୀୟ ବିତରକ ଓ ଆଇସିଡବ୍ଲୁ ଦେଶୀୟ କୋଡ ନମ୍ବର ୯୨ (ପାକିସ୍ତାନ) ଥାଇ ବିଭିନ୍ନ ଫୋନ ନମ୍ବରରୁ ଫୋନ୍ କଲ୍ ପାଇଛନ୍ତି । ଯେଉଁ କଲ୍‌ରେ ସେମାନଙ୍କୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ବିଷୟରେ ବିବରଣୀ ମଗାଯାଇଛି । ଅନେକ ବିତରକ ମଧ୍ୟ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ପ୍ରଦାନ କରି ମୋଟା ଅଙ୍କର ଅର୍ଥରାଶି ପାଇଛନ୍ତି । ଏହି ଅର୍ଥ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା (ଡିପୋଜିଟ୍) ହୋଇଥିବା ଦେଖାଯାଇଛି । ପରେ ଏହି ଆହ୍ୱାନକାରୀ (କଲର) ଉକ୍ତ ବିତରକଙ୍କୁ ଫୋନ୍ କରି ସେମାନଙ୍କଠାରୁ ଆକାଉଣ୍ଟ ନମ୍ବର ଓ ଇଟ୍‌ଜକ୍ୟାସ କାର୍ଡର ପାସୱାର୍ଡ ମାଗି ନେଇଥାନ୍ତି ।

- କେତେକ କ୍ଷେତ୍ରରେ ଏହି ବ୍ୟକ୍ତି ଅଜଣା ବ୍ୟକ୍ତିଙ୍କୁ (ବିତରକ କିମ୍ବା ଫ୍ରାଞ୍ଚାଇଜ ନୁହଁନ୍ତି) ଫୋନ୍ କରି ବ୍ୟାଙ୍କ ଆକାଉଣ୍ଟ ନମ୍ବର ନେଇଥାନ୍ତି ଏବଂ ଏହି କ୍ଷେତ୍ରରେ ଅଜଣା ବ୍ୟକ୍ତିଙ୍କ ମଧ୍ୟରେ ବହୁ ସାଧାରଣ ବ୍ୟକ୍ତି ରହିଥାନ୍ତି । (ସେହି ଫୋନ୍ କରିଥିବା ବ୍ୟକ୍ତିଜଣକ ଏମାନେ (ସାଧାରଣ ଲୋକ) ଲଟେରି ଜିତିଥିବା ସୂଚନା ଦେଇଥାନ୍ତି ଏବଂ ପ୍ରୋସେସିଂ ଖର୍ଚ୍ଚ ପାଇଁ ଟଙ୍କା ଡିପୋଜିଟ୍ କରିବା ପାଇଁ ପ୍ରବର୍ତ୍ତାଇଥାନ୍ତି) ।

- ପରେ ସେହି ବ୍ୟକ୍ତି ଉକ୍ତ ଅଜଣାବ୍ୟକ୍ତିଙ୍କୁ ଫୋନ୍ କରି ଅର୍ଥ ଉଠାଇଦେବା ଉଚିତ ବୋଲି ସୂଚନା ଦେଇଥାନ୍ତି ଏବଂ ଏଥିପାଇଁ ଏକ ଇଟ୍‌ଜକ୍ୟାସ ବିତରକଙ୍କଠାରୁ ଏକ ଇଟ୍‌ଜକ୍ୟାସ କିଣିବା ପାଇଁ ପରାମର୍ଶ କରିଥାନ୍ତି ।

- ଇଟ୍‌ଜକ୍ୟାସ କାର୍ଡ କିଣା ସରିବା ପରେ ପାକିସ୍ତାନରେ ଥିବା ସେହି ବ୍ୟକ୍ତିଜଣକ ଏହି ଅଜ୍ଞାତ ବ୍ୟକ୍ତିଙ୍କୁ ଫୋନ୍ କରି ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଇଟ୍‌ଜକ୍ୟାସ କାର୍ଡର ପାସୱାର୍ଡ ଦେବା ଲାଗି କହିଥାନ୍ତି ।

ଭାରତରର ବିଭିନ୍ନ ସହରର ଅନେକ ଲୋକଙ୍କୁ ସେମାନେ (ଏହି ପ୍ରବଞ୍ଚକମାନେ) ଠକି ଆସୁଛନ୍ତି ଏବଂ ସଂପ୍ରତି ଏହି ଘଟଣା ପୋଲିସ କର୍ତ୍ତୃପକ୍ଷ ଓ ସିବିଆଇର ଦୃଷ୍ଟିକୁ ଆସିଛି । ଏମାନେ ଉକ୍ତ ଘଟଣାର ଅନୁସନ୍ଧାନ ଜାରି

ରଖିଛନ୍ତି । ଏ ସମ୍ବନ୍ଧରେ ଆମର କେତେକ ବିତରକଙ୍କୁ ପୋଲିସ ଗିରଫ କରିଛି ଓ ସେମାନେ ଏବେ ପୋଲିସ ହାଜତରେ ଅଛନ୍ତି । ଏମାନେ ଏହି ଦୁର୍ନୀତିରେ ଅଂଶଗ୍ରହଣ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଏହି ଠକେଇ କାରବାରରେ ବ୍ୟବହାର କରିବା ପାଇଁ ଅନୁମତି ଦେଇଥିଲେ । ଆପଣଙ୍କ ମଧ୍ୟରୁ ଯଦି କେହି ଜାଣତରେ କିମ୍ବା ଅଜାଣତରେ ଏହି ମିଥ୍ୟା ଲଟେରି ପ୍ରକ୍ରିୟା/ଠକେଇର ଶୀକାର ହୁଅନ୍ତି ତେବେ ଆପଣ ଏଥିପାଇଁ ଦାୟୀ ରହିବା ସହିତ ଏଏମ୍‌ଏଲ୍/ସିଏଫ୍‌ଟି/କେଓ୍ବାଇସି/ପିଏସ୍‌ଏସ୍ ସର୍ତ୍ତାବଳୀ, ନିୟମାବଳୀ ଓ ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

ଏତଦ୍ୱାରା ଆଇଏଫ୍‌ଟିଏସ୍‌ପିଏଲ୍ ଆପଣମାନଙ୍କୁ ଉପଦେଶ ଦେଉଛି ଯେ, ଅଜ୍ଞାତ କିମ୍ବା ଅଚିହ୍ନା ବ୍ୟକ୍ତିଙ୍କୁ ଫୋନ୍ ମାଧ୍ୟମରେ କାର୍ଡ ବିକ୍ରି କରୁଥିବା ବେଳେ ଆପଣ ଅଧିକ ଯତ୍ନବାନ ହେବା ସହିତ ତତ୍ପର ହେବା ଉଚିତ । ଖୁଚୁରା ବ୍ୟବସାୟୀ (ରିଟେଲର) କିମ୍ବା ଆଇସିଡ଼ଙ୍କୁ ବ୍ୟତୀତ ଅନ୍ୟ ଲୋକଙ୍କୁ କାର୍ଡ ବିକ୍ରୟ କରୁଥିଲେ ଆପଣ ସର୍ବଦା ଅତ୍ୟଧିକ ସତର୍କତା ଅବଲମ୍ବନ କରିବା ପାଇଁ ଆଇଏଫ୍‌ଟିଏସ୍‌ପିଏଲ୍ ନିବେଦନ କରୁଅଛି । ଆପଣଙ୍କୁ ଆହୁରି ମଧ୍ୟ ଉପଦେଶ ଦିଆଯାଉଅଛି ଯେ, ଯଦି କେହି ଗ୍ରାହକ ଉଚ୍ଚ ମୂଲ୍ୟଯୁକ୍ତ କାର୍ଡ ଚାହାଁନ୍ତି, ତାଙ୍କୁ କାର୍ଡ ପ୍ରଦାନ କରିବା ପୂର୍ବରୁ ତାଙ୍କ ଆଇଡି ସଂଗ୍ରହ କରିବା ସହିତ ଠିକଣା ପ୍ରମାଣ ଓ ଅସଲି ମୋବାଇଲ୍ ଫୋନ୍ ନମ୍ବର ଟିପି ରଖନ୍ତୁ । ଆପଣଙ୍କୁ ଆହୁରି ମଧ୍ୟ ଉପଦେଶ ଦିଆଯାଉଅଛି କି ଇଟ୍‌ଜକ୍ୟାସର ଆକାଉଣ୍ଟ ନମ୍ବର ଓ ପାସୱାର୍ଡ ଫୋନ ମାଧ୍ୟମରେ କୌଣସି ଅଜ୍ଞାତ ବ୍ୟକ୍ତିଙ୍କୁ ପ୍ରକାଶ କରନ୍ତୁ ନାହିଁ ।

ଇଟ୍‌ଜକ୍ୟାସ କାର୍ଡର ପଛପଟେ ମୁଦ୍ରିତ ହୋଇ ଆବୃତ ଥିବା ଆକାଉଣ୍ଟ ନମ୍ବର ଓ ପାସୱାର୍ଡକୁ ସ୍କ୍ରାଚ କରନ୍ତୁ ନାହିଁ । କେହି ଉପରୋକ୍ତ ସୂଚନାଗୁଡ଼ିକୁ ଉଲଘଂନ କରୁଥିବା ପ୍ରମାଣିତ ହେଲେ, ଉକ୍ତ ଜାଲ୍ ପ୍ରକ୍ରିୟା/ଦୁର୍ନୀତିରୁ ସୃଷ୍ଟ ଜଟିଳତା ପ୍ରସଙ୍ଗରେ ନିଷ୍ପତ୍ତି ନେବାର ଅଧିକାର ଆଇଏଫ୍‌ଟିଏସ୍‌ପିଏଲ୍ ନିକଟରେ ରହିଛି । ଏହି ପ୍ରବଞ୍ଚନାତ୍ମକ ପ୍ରକ୍ରିୟାରୁ ଉଦ୍ଭୂତ ଯେକୌଣସି ପ୍ରକୃତିର ଦାବି ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇଏଫ୍‌ଟିଏସ୍‌ପିଏଲ୍ ଦାୟୀ ରହିବ ନାହିଁ ।

ଯେଉଁ ବିତରକ ଓ ଫ୍ରାଞ୍ଚାଇଜମାନେ ଏହିଭଳି ପ୍ରବଞ୍ଚନାତ୍ମକ କାର୍ଯ୍ୟକଳାପ/ପ୍ରକ୍ରିୟାରେ ଅଂଶିଦାର ଥିବା କିମ୍ବା ସଂପୃକ୍ତ ଥିବା ପ୍ରମାଣିତ ହେବେ, ଆଇଏଫଟିଏସ୍‌ପିଏଲ୍ ସେମାନଙ୍କ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଆପଣ କୌଣସି ଠକେଇ କାର୍ଯ୍ୟକଳାପରେ ଲିପ୍ତ ଥିବା ବିଷୟ ଆଇଏଫ୍‌ଟିଏସ୍‌ପିଏଲ୍ ଅବଗତ ହେଲେ ବିତରକଙ୍କଠାରୁ ଆପଣ ଗ୍ରହଣ କରିଥିବା ସମସ୍ତ ଅର୍ଥରାଶିକୁ ରୋକିବା ଅଧିକାର ଏହାର ରହିଛି ।

ଧନ୍ୟବାଦ

ଇଣ୍ଟରଆକ୍ଟିଭ ଫାଇନାନ୍‌ସିଆଲ ଆଣ୍ଡ ଟ୍ରେଡିଂ ସର୍ଭିସେସ ପ୍ରାଇଭେଟ ଲିମିଟେଡ.

ତାରିଖ-୨୬.୦୪.୨୦୧୧